## ସଂକ୍ଷେପରେ

### ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ



ଛେଣ୍ଡିପଦା,୧୪।୩(ସ୍ୱ.ପ୍ର.)- ଛେଣ୍ଡିପଦା ବ୍ଲକ ପାତ୍ରପଡା ପଞ୍ଚାୟତ ତାଳମଣ୍ଡଳୀସାହି ଠାରେ ଜଗତଗୁରୁ ଠାକୁର ଶ୍ରୀଶ୍ରୀ ଅଭିରାମ ପରମହଂସ ଦେବଙ୍କ ଜୟନ୍ତୀ ଉପଲକ୍ଷେ ୩ ଦିନ ଧରି ଚାଲିଥିବା ବିଶ୍ୱଶାନ୍ତି ଅଷ୍ଟପ୍ରହରୀ ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ବାବା ଶେଷଦେବ ଦାସ ଏଥିରେ ପୌରୋହିତ୍ୟ କରିଥିଲେ। ଉତ୍ସବ ପ୍ରାରମ୍ଭରେ ଅଧିବାସ ସହ କଳସ ଯାତ୍ରା କରାଯିବା ପରେ ସାଧୁସନ୍ଥଙ୍କ ଦ୍ୱାରା ଶ୍ରୀହରି କଥାମୃତ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଗୋଟିପୁଅ ନୃତ୍ୟ ପରିବେଷଣ କରାଯାଇଥିଲା। ଅଷ୍ଟପ୍ରହରୀ ନାମଯଜ୍ଞ, ପୂର୍ଣ୍ଣାହୁତି, ନଗରକୀର୍ତ୍ତନ ସହ ପ୍ରସାଦସେବନର ବ୍ୟବସ୍ଥା ହୋଇଥିଲା।

### ୩୦ ହଜାର ଜରିମାନା ଆଦାୟ



ବଣ୍ଡଁରପାଳ, ୧୪।୩(ଡି.ଏନ.ଏ.)- ନାଲ୍‌କୋ କଲୋନୀର ବିଭିନ୍ନ ସ୍ଥାନରେ ପୋଲିସ ପକ୍ଷରୁ ଶନିବାର ଯାନବାହନ ଯାଞ୍ଚ କରାଯାଇଛି। ହେଲମେଟ୍, ସିଟ୍‌ବେଲ୍ଟ, ଗାଡ଼ି ଲାଇସେନ୍ସ ସହ ଅନ୍ୟାନ୍ୟ କାଗଜପତ୍ର, ୩ ଜଣ ବସି ଯାଉଥିବା ବାଇକ୍‌କୁ ଅଟକାଇ ଯାଞ୍ଚ କରାଯାଇଥିଲା। ଏହି ଯାଞ୍ଚବେଳେ ଆଇନ ଉଲ୍ଲଘଂନକାରୀଙ୍କଠାରୁ ୩୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଆଇଆଇସି ସରୋଜିନୀ ସାମ୍ଭଡାଙ୍କ ତତ୍ତ୍ୱାବଧାନରେ ଏଏସ୍‌ଆଇ ବ୍ରହ୍ମାନନ୍ଦ ସାହୁ ଓ ପୋଲିସ କର୍ମଚାରୀ ଯାଞ୍ଚ କରିଥିଲେ।

### ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ

ମାଧପୁର, ୧୪।୩- ଆଠମଲ୍ଲିକ ବ୍ଲକ ମାଧପୁର ସରସ୍ୱତୀ ଶିଶୁମନ୍ଦିରରେ ଘର ହିଁ ବିଦ୍ୟାଳୟ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପୀତାମ୍ବର ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ। ଶିଶୁ ବାଟିକା ପ୍ରମୁଖ ନମିତା ପ୍ରଧାନ ଅତିଥି ପରିଚୟ ଓ ସୁଶ୍ରୀ ସୁଷମା ସାହୁ ଧନ୍ୟବାଦ ଦେଇଥିଲେ।

### ଠାକୁରଗଡ଼ରେ ଚଉଦୋଳ ଯାତ୍ରା

ବଇଣ୍ଡା,୧୪।୩(ଡି.ଏନ.ଏ.)-ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଗ୍ରାମରେ ଶୁକ୍ରବାର ଚଉଦୋଳ ଯାତ୍ରା ପାଳିତ ହୋଇଯାଇଛି। ପ୍ରଭୁ ରାଧାକୃଷ୍ଣଙ୍କୁ ଏକ ବିରାଟ ପଟୁଆରରେ ନଗର ପରିକ୍ରମା କରାଯାଇ ଯାତ୍ରା ପଡ଼ିଆକୁ ଅଣାଯାଇଥିଲା। ପରେ ସେଠାରେ ପୂଜାର୍ଚ୍ଚନା କରାଯିବା ପରେ ନାମସଂକୀର୍ତ୍ତନ, ଲଉଡି ଖେଳ ପ୍ରଦର୍ଶନ କରାଯାଇଥିଲା। ୧୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଜନସମାଗମ ହୋଇଥିଲା। ଗ୍ରାମର ବସନ୍ତ ସାହୁ, ଗଣେଶ୍ୱର ଖୁଣ୍ଟିଆ, ସୁରେଶଚନ୍ଦ୍ର ସାହୁ, ସନ୍ତୋଷ କୁମାର ସାହୁ, ମନୋଜ ରାଉତ, ନେପାଳ ସାହୁ, ଇନ୍ଦ୍ରମଣି ସାହୁ ପ୍ରମୁଖ ସହଯୋଗ କରିଥିଲେ। ଠାକୁରଗଡ଼ ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।

### ଯୁବକଙ୍କୁ ଭୁଜାଲିରେ ଆକ୍ରମଣ ଅଭିଯୋଗ

ବଇଣ୍ଡା,୧୪।୩(ଡି.ଏନ.ଏ.)-ଠାକୁରଗଡ଼ ଥାନା ନାକିଚି ରୋଡ୍ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ତେନ୍ତୁଳିପଥର ଗ୍ରାମର ଜଗବନ୍ଧୁ ସାହୁ(୩୨)ଙ୍କୁ ଠାକୁରଗଡ ଗ୍ରାମର ଶ୍ରୀକାନ୍ତ ଘୋଟାଲା ଓ ତାଙ୍କର ୪ ଜଣ ସହଯୋଗୀ ଭୁଜାଲିରେ ଆକ୍ରମଣ କରିଥିବା ଶନିବାର ଅଭିଯୋଗ ହୋଇଛି। ପୋଲିସ ନଂ.୨୪/୨୦ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ଜଗବନ୍ଧୁ ଠାକୁରଗଡ଼ ଗ୍ରାମରେ ଦୋଳଯାତ୍ରା ଦେଖି ଫେରୁଥିବାବେଳେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ତାଙ୍କୁ ଆକ୍ରମଣ କରାଯାଇଥିବା ଜଣାପଡ଼ିଛି। ଏହି ଘଟଣାରେ କାହାରିକୁ ଗିରଫ କରାଯାଇ ନାହିଁ। ଜଗବନ୍ଧୁଙ୍କୁ ଆଠମଲ୍ଲିକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

# ମୁଖ୍ୟ ଚିକିତ୍ସାଳୟରୁ ରୋଗୀ ଗାଏବ





ଅନୁଗୋଳ ଅଫିସ୍, ୧୪।୩

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟର ଯକ୍ଷ୍ମା ୱାର୍ଡରୁ ଜଣେ ରୋଗୀ ଶୁକ୍ରବାର ରାତି ସାଢ଼େ ୧୦ଟାରେ କେଉଁ ଆଡ଼େ ଚାଲିଯାଇଥିବା ଥାନାରେ ଅଭିଯୋଗ ହୋଇଛି। କିନ୍ତୁ ମେଡିକାଲ କର୍ତ୍ତୃପକ୍ଷ ସମ୍ପୃକ୍ତ ରୋଗୀଙ୍କ ପରିବାର ଲୋକଙ୍କ ଠାରୁ ଜବରଦସ୍ତି ଦସ୍ତଖତ ରଖିଥିବା ସେମାନେ ଅଭିଯୋଗ କରିଛନ୍ତି।

■ମେଡିକାଲରେ ଚାପା ଉତ୍ତେଜନା, ଥାନାରେ ଏତଲା

■ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଲେ ସିଡିଏମ୍‌ଓ

ଅଭିଯୋଗରୁ ପ୍ରକାଶ ଯେ, ତାଳଚେର କଲିୟରୀ ଥାନା ଘଣ୍ଟପଡ଼ା ଗ୍ରାମର ରଞ୍ଜିତ ସାହୁ(୪୫) ଗତ ୧୧ ତାରିଖରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ତାଙ୍କ ଦେଖାଶୁଣା କରିବାକୁ ସ୍ତ୍ରୀ ନିରୁପମା ସାହୁ ମେଡିକାଲରେ ରହୁଥିଲେ। କିନ୍ତୁ ଶୁକ୍ରବାର ରାତି ସାଢ଼େ ୧୦ଟାରେ ନିରୁପମା ଶୌଚ ପାଇଁ ଯାଇଥିବାବେଳେ ରଞ୍ଜିତ ଡାକ୍ତରଖାନା ବେଡରୁ ଉଠି କେଉଁଆଡ଼େ ଚାଲିଯାଇଥିଲେ। ଏ ନେଇ ନିରୁପମା ମେଡିକାଲ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରି ନ ଥିଲେ। ରାତିରେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ପରିବାର ଲୋକେ ନିରାଶ ହୋଇଥିବା ବେଳେ ରଞ୍ଜିତଙ୍କୁ ଡିସ୍‌ଚାର୍ଜ କରାଯାଇଥିବା ମେଡିକାଲ କର୍ତ୍ତୃପକ୍ଷ କହିବାରୁ ଶନିବାର ପୂର୍ବାହ୍ନରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ପରିସ୍ଥିତି ଜଟିଳ ହେଉଥିବା ଦେଖି ୱାର୍ଡରେ କାର୍ଯ୍ୟରତ ନର୍ସ ଓ ସୁରକ୍ଷାକର୍ମୀ କାହାରି ନିକଟରେ ଅଭିଯୋଗ କରନାହିଁ ରୋଗୀଙ୍କୁ ଆମେ ଖୋଜିଆଣି ଦେବୁ ବୋଲି ଆଶ୍ୱାସନା ଦେଇଥିଲେ। ପରେ ଜିଲା ମୁଖ୍ୟ ଚିକିତ୍ସାଳୟ ଭାରପ୍ରାପ୍ତ ସିଡିଏମ୍‌ଓ ପ୍ରତାପ କୁମାର ବେହେରା ପହଞ୍ଚି ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ଏଡିଏମ୍‌ଓ(ମେଡିକାଲ) ଶ୍ୟାମ ପ୍ରସାଦ ଦାସଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ଦୋଷୀ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଡିଏମ୍‌ଓ ବେହେରା କହିଛନ୍ତି। ଅନ୍ୟପକ୍ଷରେ ମେଡିକାଲରୁ ଗାଏବ ହୋଇଥିବା ରୋଗୀଙ୍କ ପୁତୁରା ନିରଞ୍ଜନ ସାହୁ ଲିଖିତ ଅଭିଯୋଗ କରିବା ସହ ଏଡିଏମ୍‌ଓ(ମେଡିକାଲ) ମଧ୍ୟ ମେଡିକାଲରୁ ରୋଗୀ ଗାଏବ ଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ତେବେ ଗାଏବ ହୋଇଯାଇଥିବା ରୋଗୀଙ୍କୁ ସ୍ଥାନୀୟ ଲୋକେ ଆଙ୍ଗୁଲାରୁ ଉଦ୍ଧାର କରିବା ଖବରପାଇ ଆମ୍ବୁଲାନ୍ସ ଯୋଗେ ମେଡିକାଲ ଅଣାଯାଇଥିବା କର୍ତ୍ତୃପକ୍ଷ ରାତିରେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଏହାପୂର୍ବରୁ ମଧ୍ୟ ମେଡିକାଲରୁ ରୋଗୀ ଗାଏବ ପରି ଘଟଣା ଘଟିଥିଲା ଓ ଅବହେଳା ପାଇଁ ଦୁଇଜଣ ନର୍ସଙ୍କୁ ନିଲମ୍ବନ କରାଯାଇଥିଲା।

# ୨୮ରେ ଓକିଲ ସଂଘ ନିର୍ବାଚନ

ଛେଣ୍ଡିପଦା,୧୪।୩(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ବାର୍ ଆସୋସିଏଶନ ପକ୍ଷରୁ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଆସନ୍ତା ୨୮ ତାରିଖରେ କରାଯିବ। ଏଥିପାଇଁ ଚୂଡାନ୍ତ ପ୍ରାର୍ଥୀ ତାଲିକା ଇତିମଧ୍ୟରେ ଘୋଷଣା କରାଯାଇଛି। ସଭାପତି ପଦ ପାଇଁ ଦୁଷ୍ମନ୍ତ କର ଓ ରାଜକିଶୋର ବେହେରା ଏବଂ ସାଧାରଣ ସମ୍ପାଦକ ପଦ ପାଇଁ ନଗେନ କୁମାର ନନ୍ଦ ଓ ପ୍ରଶାନ୍ତ କୁମାର ସାହୁଙ୍କ ନାମ ପ୍ରାର୍ଥୀ ଭାବେ ଘୋଷଣା ହୋଇଛି। ଉପସଭାପତି ପଦ ପାଇଁ ଚିତ୍ତରଞ୍ଜନ ସାହୁ, ସାଧାରଣ ସହସମ୍ପାଦକ ଶିଶିର କୁମାର ବେହେରା, ସାଂସ୍କୃତିକ ସମ୍ପାଦକ ଶରତ ଚନ୍ଦ୍ର ପ୍ରଧାନ ଓ କୋଷାଧକ୍ଷ ଭାବେ ନିକୁଞ୍ଜକିଶୋର ପ୍ରଧାନ ନିର୍ଦ୍ୱନ୍ଦ୍ୱ ଥିବା ନିର୍ବାଚନ ଅଧିକାରୀ ଲକ୍ଷ୍ମୀଧର ପ୍ରଧାନ ପ୍ରକାଶ କରିଛନ୍ତି। ପୂର୍ବାହ୍ନ ୮ଟାରୁ ୨ଟା ମଧ୍ୟରେ ନିର୍ବାଚନ ପରେ ବିଜୟୀ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ।

# ତାଳଚେର-ଅନୁଗୋଳ ଚାପ୍ଟରର କର୍ମଶାଳା





ଆୟୋଜିତ କର୍ମଶାଳାରେ ଅତିଥିମାନେ।

ତାଳଚେର,୧୪।୩(ନି.ପ୍ର.)

ତାଳଚେର-ଅନୁଗୋଳ ଚାପ୍ଟର ପକ୍ଷରୁ ଶନିବାର ବାର୍ଷିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ ବଜେଟ୍-୨୦୨୦, ଦେଶର ଅର୍ଥନୀତି ଉପରେ ପ୍ରଭାବ, ଟିକସ ଓ ନିବେଶ ଶୀର୍ଷକ ଏହି କର୍ମଶାଳାରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଆୟକର ଆୟୁକ୍ତ ଶରତ କୁମାର ଦାସ ଯୋଗ ଦେଇ ତାଙ୍କର ଅନୁଭୂତି ବ୍ୟକ୍ତ କରିଥିଲେ। ଅତିରିକ୍ତ ମୁଖ୍ୟ ଜିଏସ୍‌ଟି କମିଶନର ତେଜରାଜ ପ୍ରଧାନ, ପୂର୍ବାଞ୍ଚଳ ପରିଷଦର ଉପସଭାପତି ବିଭୂତିଭୂଷଣ ନାଏକ, ସଭାପତି ପଲଭ ଭଟ୍ଟାଚାର୍ଯ୍ୟ, ସମ୍ପାଦକ ଉତ୍ତମ ନାୟକ, କେନ୍ଦ୍ରୀୟ ପରିଷଦ ପରୋକ୍ଷ କର କମିଟି ଅଧ୍ୟକ୍ଷ ନିରଞ୍ଜନ ମିଶ୍ର, ନାଲ୍‌କୋର ନିର୍ବାହୀ ନିର୍ଦ୍ଦେଶକ ମନସା ପ୍ରସାଦ ମିଶ୍ର, ଏମ୍‌ସିଏଲର କେନ୍ଦ୍ରୀୟ ବିତ୍ତ ପ୍ରବନ୍ଧକ ଚିତ୍ତରଞ୍ଜନ ଦାସ, ମହାପ୍ରବନ୍ଧକ ଏମ. ମିଆଁ, 'ୱାଲେଟ ଫର ୱେଲଥ'ର ପରିଚାଳନା ନିର୍ଦ୍ଦେଶକ ତ୍ରିନାଥ ଲେଙ୍କା, ଓଡ଼ିଶା ହାଇକୋର୍ଟର ଆଇନଜ୍ଞ ନିରଞ୍ଜନ ସ୍ୱାଇଁ ପ୍ରମୁଖ ଏହି ଶୀର୍ଷକରେ ବିଷଦ ଆଲୋଚନା କରିଥିଲେ। ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ କଷ୍ଟ ଆକାଉଣ୍ଟାଣ୍ଟ ତନ୍ମୟା ପ୍ରଧାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଚାପ୍ଟରର ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ଆଚାର୍ଯ୍ୟ ସଭାରେ ଅଧ୍ୟକ୍ଷତା କରିଥିଲେ।

# ପ୍ରଶାସନକୁ ସମସ୍ୟା ଜଣାଇବାକୁ ନିଷ୍ପତ୍ତି



ସଭାରେ ସଂଘର କର୍ମକର୍ତ୍ତାମାନେ।

ବଣ୍ଡଁରପାଳ, ୧୪।୩(ଡି.ଏନ.ଏ.)

ବଣ୍ଡଁରପାଳ ବ୍ଲକ କୁଲାଡ ଓ ଗିରାଙ୍ଗ ପଞ୍ଚାୟତର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ଟ୍ରକ୍ ମାଲିକ ସଂଘ କାର୍ଯ୍ୟାଳୟରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ରାଜୀବ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ୨ ପଞ୍ଚାୟତର ପ୍ରମୁଖ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ନାଲ୍‌କୋ ପାରିପାର୍ଶ୍ୱିକ ଗ୍ରାମଗୁଡ଼ିକୁ ପାନୀୟ ଜଳ ଯୋଗାଣ, କ୍ଷତିଗ୍ରସ୍ତମାନଙ୍କୁ ନିଯୁକ୍ତି, ସ୍କୁଲରେ ୨ ପଞ୍ଚାୟତର ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନ, ବିଦ୍ୟୁତ୍ ଯୋଗାଣ ଆଦି ଉପରେ ଗୁରୁତ୍ୱ ଦିଆଯାଇଥିଲା। ସ୍ମେଲଟର ପ୍ଲାଣ୍ଟରେ ଟ୍ରକ୍‌ଗୁଡ଼ିକରେ ମାଲ୍ ବୋଝେଇରେ ବ୍ୟତିକ୍ରମ ହେଉଥିବା ନେଇ ମଧ୍ୟ ଆଲୋଚନା କରାଯାଇଥିଲା। ଏ ସବୁ ସମସ୍ୟାର ସମାଧାନ ପାଇଁ ପ୍ରଶାସନକୁ ଅବଗତ କରାଯିବ ବୋଲି ସଭାରେ ନିଷ୍ପତ୍ତି ହୋଇଥିଲା। ଏଥିରେ କୁଲାଡ଼ ସରପଞ୍ଚ ଶେଷଦେବ ଦେହୁରୀ, ସମିତି ସଭ୍ୟ ସୁଶୀଲ ବିଶୋଇ, ଗିରାଙ୍ଗ ସରପଞ୍ଚ ସୁଜାତା ଦେହୁରୀ, ସମିତି ସଭ୍ୟ ଜୟଶ୍ରୀ ଗଡ଼ନାୟକ, ଟ୍ରକ୍ ମାଲିକ ସଂଘର ଉପସଭାପତି ତପନ ସାମନ୍ତ ସିଂ, ବିଭୂତି ଭୂଷଣ ଜେନା, ମୁକେଶ ଜେନା, ପ୍ରଫୁଲ୍ଲ ବିଶୋଇ, ବସନ୍ତ ଜେନା, ଅରୁପା ସେଠଙ୍କ ସମେତ ଉଭୟ ପଞ୍ଚୟତର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସଂଘ ସମ୍ପାଦକ ରଞ୍ଜିତ ସେଠ ଧନ୍ୟବାଦ ଦେଇଥିଲେ।

# ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକଙ୍କ ପରଲୋକ

ବଇଣ୍ଡା,୧୪।୩(ଡି.ଏନ.ଏ.)

କିଶୋରନଗର ହାଇସ୍କୁଲର ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ମହାଦେବ ଷଡଙ୍ଗୀ(୮୯)ଙ୍କ ଶୁକ୍ରବାର ରାତିରେ ତାଙ୍କ ବାସଭବନ ଜଗତସିଂହପୁର ଜିଲା କୁଜଙ୍ଗ ନିକଟସ୍ଥ ବାଲିଆ ଗ୍ରାମରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେଲା ଅସୁସ୍ଥ ଥିଲେ। ସେ ୧୯୫୭ରୁ ୧୯୯୧ ମସିହା ପର୍ଯ୍ୟନ୍ତ ଏହି ବିଦ୍ୟାଳୟରେ ସଂସ୍କୃତ ଶିକ୍ଷକ ଭାବେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ। ତାଙ୍କ ବିୟୋଗକୁ ନେଇ କିଶୋରନଗର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିବାବେଳେ ତାଙ୍କ ଆତ୍ମାର ସଦଗତି ନିମନ୍ତେ ବିଦ୍ୟାଳୟରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ସଂଗ୍ରାମ କେଶରୀ ପୃଷ୍ଟି, ସନ୍ତୋଷ କୁମାର ପ୍ରଧାନ, ବିଜୟିନୀ ସାହୁ, ସୁପ୍ରଭା ସାହୁ ପ୍ରମୁଖ ଉପସ୍ଥିତ ରହି ଶୋକ ପ୍ରକାଶ କରିଥିଲେ।

# ପଞ୍ଚାୟତସ୍ତରରେ ଆଶ୍ରୟସ୍ଥଳ ଚିହ୍ନଟ ନିର୍ଦ୍ଦେଶ

ଅନୁଗୋଳ ଅଫିସ୍, ୧୪।୩

**ଘାରିଲାଣି କରୋନା ଭୟ**

କରୋନା ଭାଇରସ୍‌କୁ ନେଇ ସତର୍କ ଥିବା ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପ୍ରତ୍ୟେକ ଜିଲାର ଜିଲାପାଳ, ଏସ୍‌ପି ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଭିଡିଓ କନଫରେନ୍ସରେ ଯୋଗାଯୋଗ କରିବା ସହ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏପରି କି ଜିଲାରେ ଥିବା ପ୍ରତି ପଞ୍ଚାୟତରେ ୫୦ରୁ ୧୦୦ ରୋଗୀ ରହିବାକୁ ଏକ ଘର(ଆଶ୍ରୟସ୍ଥଳ) ବ୍ୟବସ୍ଥା କରିବାକୁ କୁହାଯାଇଛି। ଉକ୍ତ ଆଶ୍ରୟସ୍ଥଳରେ ଜଳ, ବିଜୁଳି ଓ ବିଜୁଳି ଚାଲିଗଲେ ବିକଳ୍ପ ବ୍ୟବସ୍ଥା କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ଯଦି କୌଣସି ସମୟରେ ଏହି କରୋନା ଭାଇରସ ଅଧିକ ଲୋକଙ୍କୁ ଆକ୍ରାନ୍ତ କରେ ସେପରି ସ୍ଥିତିରେ ଉକ୍ତ ଆଶ୍ରୟସ୍ଥଳରେ ଆକ୍ରାନ୍ତମାନଙ୍କୁ ରଖାଯିବ। ତେଣୁ ଏ ନେଇ ସଜାଗ ରହିବାକୁ ପ୍ରତି ଜିଲା ମୁଖ୍ୟମାନଙ୍କୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଲୋକମାନଙ୍କୁ ଭୟଭୀତ ନ ହେବାକୁ ମଧ୍ୟ କୁହାଯାଇଛି। ସୁସ୍ଥ ଓ ସୁରକ୍ଷିତ ରହିବାକୁ ରାଜ୍ୟ ସରକାର ବାର୍ତ୍ତା ଦେଇଥିବାବେଳେ ପରିଷ୍କାର ଓ ପରିଚ୍ଛନ୍ନ ରହିବାକୁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ଜିଲା ପ୍ରଶାସନ ସହ ପୋଲିସ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ କୁହାଯାଇଛି।

# ଇନ୍‌ଡୋର ଷ୍ଟାଡିୟମରେ ତାଲା

ଅନୁଗୋଳ ଅଫିସ୍, ୧୪।୩

କରୋନା ସଂକ୍ରମଣ ରୋକିବା ଉଦ୍ଦେଶ୍ୟରେ ସରକାରୀ ସ୍ତରରେ ବିଭିନ୍ନ ପଦକ୍ଷେପ ନିଆଯାଇଛି। ସ୍କୁଲ ବନ୍ଦ, ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଆଦି ସ୍ଥଗିତ ରଖାଯାଇଥିବାବେଳେ ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ଶନିବାର ଅନୁଗୋଳର ଇନ୍‌ଡୋର ଷ୍ଟାଡିୟମରେ ତାଲା ପକାଯାଇଛି। ଏପରିକି ସେଠାରେ ରାତିରେ ଖେଳାଯାଉଥିବା ବ୍ୟାଡମିଣ୍ଟନ ଖେଳକୁ ମଧ୍ୟ ବନ୍ଦ କରାଯାଇଥିବା ସୂଚନା ମିଳିଛି। ସକାଳେ ଓ ସନ୍ଧ୍ୟାରେ ସେଠାରେ ଖେଳ ପାଇଁ ଲୋକେ ରୁଣ୍ଡ ହେଉଥିବାରୁ ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଏହି ଷ୍ଟାଡିୟମ ବନ୍ଦ ରହିବ ବୋଲି ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସେଠ ସୂଚନା ଦେଇଛନ୍ତି। ପରବର୍ତ୍ତୀ ସରକାରୀ ନିର୍ଦ୍ଦେଶ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ ବୋଲି ସେ କହିଛନ୍ତି।

# ତୁଳସୀପାଳରେ ଚଉଦୋଳ ଉତ୍ସବ



**ବଣ୍ଡଁରପାଳ, ୧୪।୩ (ଡି.ଏନ୍.ଏ):** ବଣ୍ଡଁରପାଳ ବ୍ଲକ ତୁଳସୀପାଳ ଗ୍ରାମ ଗୋଡ଼ିସାହି ଦଣ୍ଡା ଆମ୍ବୁରୀଛକରେ ଦୋଳମଣ୍ଡପରେ ଶୁକ୍ରବାର ଚଉଦୋଳ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଗୋଡ଼ିସାହି ଉତ୍ସବ ମୁଖର ହୋଇଉଠିଥିଲା। ଅପରାହ୍ନ ୩ଟାରେ ସାହିବାସୀ ନିକଟସ୍ଥ ଲଙ୍ଗୁଳିଆବେଡ଼ା ଗ୍ରାମର ସଭାପତି ଅକ୍ଷୟ କୁମାର ବିଶୋଇଙ୍କ ଠାକୁର ଘରୁ ରାଧାକୃଷ୍ଣଙ୍କ ମୂର୍ତ୍ତିକୁ ପୂଜାର୍ଚ୍ଚନା କରି ଶୋଭାଯାତ୍ରାରେ ଯତନନଗର ସାହି ଓ ଗୋଡ଼ିସାହି ଦେଇ ଦୋଳ ମଣ୍ଡପକୁ ନେଇଥିଲେ। ଢୋଲ, ବ୍ୟାଣ୍ଡ ପାର୍ଟି, ଡିଜେ ସାଉଣ୍ଡ, ନାମ ସଂକୀର୍ତ୍ତନରେ ଅଞ୍ଚଳ କମ୍ପି ଉଠିଥିଲା। ବିଭିନ୍ନ ଅଞ୍ଚଳରୁ ଆସିଥିବା ଗୋପାଳଙ୍କ ଚିତ୍ତାକର୍ଷକ ଲଉଡ଼ିଖେଳ, କଂସ, ରାଧାକୃଷ୍ଣ ବେଶଧାରୀଙ୍କ ଅଭିନୟ ଲୋକେ ଉପଭୋଗ କରିଥିଲେ। ଦୋଳ ମଣ୍ଡପରେ ରୀତିନୀତି ଅନୁଯାୟୀ ପୂଜାପାଠ କରାଯାଇଥିଲା। ଏହି ଯାତ୍ରାରେ ବିଭିନ୍ନ କିସମର ଦୋକାନ ବଜାର ପଡ଼ିଥିଲା। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ସରପା ଓ କାଣ୍ଡସର ମଧ୍ୟରେ ବାଦଦଣ୍ଡ ଅନୁଷ୍ଠିତ ହୋଇଥିଲା। ଚଉଦୋଳ ପୂଜା କମିଟି ସଭାପତି ରବୀନ୍ଦ୍ର ସାହୁ, ସମ୍ପାଦକ ବୈକୁଣ୍ଠ ସାହୁ, ସାମାଜିକ କର୍ମୀ ବାଉରୀବନ୍ଧୁ ସାହୁ, ଅଜୟ ସାହୁ, ଭଜମନ ମହାନ୍ତି, ଦୁଃଖବନ୍ଧୁ ବିଶ୍ୱାଳ, କ୍ଷୀରୋଦ ସାହୁ, ବିଜୟ ସାହୁ, ହଳଧର ସାହୁ, ଧୀରେନ୍ଦ୍ର ଗଡ଼ନାୟକ, ଆନନ୍ଦ ସାହୁ ଓ ଦିଲୀପ ସାହୁଙ୍କ ସମେତ ସମସ୍ତ ତୁଳସୀପାଳ ଗ୍ରାମବାସୀ ସହଯୋଗ କରିଥିଲେ।

# କଣିହାଁ ବ୍ଲକ ଅଞ୍ଚଳରେ ପଞ୍ଚ ଦୋଳ

କଣିହାଁ,୧୪।୩(ଡି.ଏନ.ଏ.)



କଣିହାଁ ବ୍ଲକର ବିଭିନ୍ନ ଗ୍ରାମରେ ଶନିବାର ପଞ୍ଚଦୋଳ ଉତ୍ସବ ପାଳିତ ହୋଇଯାଇଛି। ଗ୍ରାମବାସୀ ଦୋଳ ବିମାନକୁ ନାମସଂକୀର୍ତ୍ତନ, ଲଉଡି ଖେଳ, ଘଣ୍ଟବାଦ୍ୟ ସହିତ ଫୁଲମେଢରେ ଗ୍ରାମ ପରିକ୍ରମା କରାଇ ଯାତ୍ରା ପଡ଼ିଆକୁ ଆଣିଥିଲେ। ଏଥିରେ ଶତାଧିକ ଲୋକଙ୍କ ସମାଗମ ହୋଇଥିଲା। ସେହିପରି ସମଲ, ରେଙ୍ଗାଳି କଣିହାଁ ଥାନାର ବିଭିନ୍ନ ଗ୍ରାମରେ ପଞ୍ଚଦୋଳ ଉତ୍ସବ ପାଳିତ ହୋଇଯାଇଛି। ପୋଲିସ ତରଫରୁ ଶାନ୍ତିଶୃଙ୍ଖଳା ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# ଲାଲ ବାହାଦୁର କପ୍: ଫାଇନାଲରେ ଅନୁଗୋଳ





ବିଜୟୀ ଦଳକୁ ପୁରସ୍କୃତ କରାଯାଉଛି।

ବଣ୍ଡଁରପାଳ, ୧୪।୩(ଡି.ଏନ.ଏ.)

ବଣ୍ଡଁରପାଳ ବ୍ଲକ ବଳରାମପ୍ରସାଦ ସିଂହବାହିନୀ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ଲାଲ ବାହାଦୁର କ୍ରିକେଟ ଟୁର୍ନାମେଣ୍ଟର ଶନିବାର ୨ୟ ସେମି ଫାଇନାଲ ମ୍ୟାଚ ତାଳଚେର ୟୁଥ୍ ସ୍ପୋର୍ଟିଂ ଓ ମା' ବୁଢ଼ୀ ଅନୁଗୋଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ତାଳଚେର ୟୁଥ ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରି ୧୨୫ ରନ କରିଥିଲା। ଜବାବରେ ମା' ବୁଢ଼ୀ ୧୧ ଓଭରରେ ଆବଶ୍ୟକ ରନ କରି ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ବିଜୟୀ ଦଳର ସନ ସ୍ୱାଇଁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଧୀରେନ ସିଂ ଓ ବିଭୂତି ଭୂଷଣ ନାହକ ଖେଳ ପରିଚାଳନା କରିଥିଲେ। ନାଲ୍‌କୋ କ୍ରିକେଟ ଟିମ୍‌ର ଅଧିନାୟକ ଦୀପକ ସାମଲ ଓ ନାଲ୍‌କୋ କର୍ମଚାରୀ ହରିହର ନାଥ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ରବିବାର କୁଲାଡ଼ ଏନ୍‌ଆର୍‌ସିଏ ଏବଂ ମା' ବୁଢ଼ୀ ଅନୁଗୋଳ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହେବ।

# ଓଡ଼ିଶା ପୋଷ୍ଟାଲ-ରାଇଜିଂ ଷ୍ଟୁଡେଣ୍ଟ ଫାଇନାଲରେ

ଅନୁଗୋଳ ଅଫିସ୍, ୧୪।୩



ମ୍ୟାଚର ଏକ ଦୃଶ୍ୟ।

ଅନୁଗୋଳ କଦମ ପଡ଼ିଆରେ ସର୍ବଭାରତୀୟ ଅନୁଗୋଳ କପ୍ କ୍ରିକେଟ୍ ଟୁର୍ନାମେଣ୍ଟର ଦୁଇଟି ସେମିଫାଇନାଲ ମ୍ୟାଚ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ ଛତିଶଗଡ଼ ଫରେଷ୍ଟ ଦଳ ଓ ରାଇଜିଂ ଷ୍ଟୁଡେଣ୍ଟ ମଧ୍ୟରେ ହୋଇଥିଲା। ଟସ୍ ଜିତି ଛତିଶଗଡ଼ ଦଳ ପ୍ରଥମେ ବ୍ୟାଟିଂ କରି ୮ଟି ଉଇକେଟ ହରାଇ ୧୪୫ ରନ କରିଥିଲା। ଦଳ ପକ୍ଷରୁ ରାକେଶ ଗୋଚ୍ଛାୟତ ସର୍ବାଧିକ ୪୮ ରନ କରିଥିଲେ। ରାଇଜିଂ ଷ୍ଟୁଡେଣ୍ଟ ଦଳ ୩ଟି ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ରାଇଜିଂ ଷ୍ଟୁଡେଣ୍ଟ ପକ୍ଷରୁ ସୌଭାଗ୍ୟ ୪୪ ରନ ଓ ଅରବିନ୍ଦ ୩୪ ରନ କରି ଅପରାଜିତ ରହିଥିଲେ। ବିଜୟୀ କଟକ ଦଳର ବ୍ୟାଟ୍ସମ୍ୟାନ ସୌଭାଗ୍ୟ ମିଶ୍ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେହିପରି ଦ୍ୱିତୀୟ ସେମିଫାଇନାଲ ଓଡ଼ିଶା ପୋଷ୍ଟାଲ ଓ ପ୍ରଗତି ସ୍ପୋର୍ଟିଂ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ପୋଷ୍ଟାଲ ଦଳ ୭ ଉଇକେଟରେ ୧୮୧ ରନ କରିଥିଲା। ଦଳ ପକ୍ଷରୁ ପ୍ରୟାସ ଠାକୁର ୪୨ଟି ବଲ୍‌ରୁ ୭୬ ରନ କରିଥିଲେ। ଜବାବରେ ପ୍ରଗତି ସ୍ପୋର୍ଟିଂର ରଘୁନାଥ ଓ ଅଭିନବଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ଦଳ ୧୩ ରନରେ ପରାଜିତ ହୋଇଥିଲା। ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ପୋଷ୍ଟାଲ ଦଳର ପ୍ରୟାସ ଠାକୁର ପୁରସ୍କୃତ ହୋଇଥିଲେ। ସରୋଜ ସାହୁ, ଜୟକୃଷ୍ଣ ରାଉତ, ତାପସ ମହାନ୍ତି ଓ ମଦେଶ ମୁନସି ପ୍ରମୁଖ ଖେଳ ପରିଚାଳନା କରିଥିଲେ। ସ୍କୋରର ଭାବେ ସୂର୍ଯ୍ୟ ରାଉତ ଓ ନିକସନ ଦାୟିତ୍ୱ ତୁଲାଇଥିଲେ। ସେହିପରି ବିଜନ ଓ ମାନସ ଧାରାବିବରଣୀ ଦେଇଥିଲେ। ଅତିଥି ଭାବେ ସଂଗ୍ରାମ ମିଶ୍ର ଓ ଅଗସ୍ତି ବେହେରା, କ୍ଲବର ଉପଦେଷ୍ଟା ପ୍ରତାପ ଚନ୍ଦ୍ର ପ୍ରଧାନ ଓ ସଭାପତି ବୀରେନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ରବିବାର ରାଇଜିଂ ଷ୍ଟୁଡେଣ୍ଟ ଓ ଓଡ଼ିଶା ପୋଷ୍ଟାଲ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ରବିବାର, ମାର୍ଚ୍ଚ ୧୫/୨୦୨୦, Dhenkanal, Sunday, March 15 / 2020

# ସିଲାବସ୍ ବାହାରୁ ପ୍ରଶ୍ନ

**କାମାକ୍ଷାନଗର, ୧୪।୩(ଡି.ଏନ.ଏ.)**

- ଚିନ୍ତାରେ ଯୁକ୍ତ ୨ ପରୀକ୍ଷାର୍ଥୀ
- ଗଣିତ ପରୀକ୍ଷାରେ ତ୍ରୁଟି ଅଭିଯୋଗ
- ଉତ୍ତର ଖାତାରେ ରହୁନି ପର୍ଯ୍ୟାପ୍ତ ସ୍ଥାନ
- ଉଚ୍ଚଶିକ୍ଷା ବିଭାଗ ଦୃଷ୍ଟି ଦେବାକୁ ଦାବି

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ପକ୍ଷରୁ ସାରା ରାଜ୍ୟରେ ଆରମ୍ଭ ହୋଇଛି ଯୁକ୍ତ ୨ପରୀକ୍ଷା। ପରୀକ୍ଷାକୁ ଶୃଙ୍ଖଳିତ ଏବଂ ବିଧିବ୍ୟବସ୍ଥିତ କରିବାକୁ କାଉନ୍ସିଲ ପକ୍ଷରୁ ଯଥାସାଧ ଉଦ୍ୟମ କରାଯାଇଥିବା କୁହାଯାଉଛି। ହେଲେ ବୁଧବାର ଶେଷ ହୋଇଥିବା ଗଣିତ ପରୀକ୍ଷାରେ ସିଲାବସ୍ ବାହାରୁ ଆସିଥିବା ପ୍ରଶ୍ନକୁ ନେଇ ପରୀକ୍ଷାର୍ଥୀଙ୍କ ଚିନ୍ତା ବଢ଼ିଛି। ଏହାକୁ ନେଇ ଅନେକ ପରୀକ୍ଷାର୍ଥୀ ଚାପରେ ଥିବାବେଳେ ଆଗାମୀ ପରୀକ୍ଷାରେ ମଧ ସିଲାବସ୍ ବାହାରୁ ପ୍ରଶ୍ନ ଆସିପାରେ ବୋଲି ସେମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।

ଢେଙ୍କାନାଳ ଜିଲାର କେତେଜଣ ପରୀକ୍ଷାର୍ଥୀ ଅଭିଯୋଗ କରିଛନ୍ତି, ଗଣିତ ପରୀକ୍ଷାରେ କେତେକ ପ୍ରଶ୍ନ ପୁରୁଣା ସିଲାବସ୍ ଅନୁଯାୟୀ ଆସିଥିଲା। ଆଉ କେତେକ ପ୍ରଶ୍ନ ସିଲାବସ୍ ବାହାରୁ ପଡ଼ିଥିଲା। ଗଣିତ ପ୍ରଶ୍ନପତ୍ର ଏ-ସେଟ୍ର ୫ନଂ. ଡି, ଡି-ସେଟ୍ର ୫ନଂ. ସି, ଡି- ସେଟର ୫ନଂ. ଏ, ଡି-ସେଟ୍ର ୫ନଂ. ଇ ପ୍ରଶ୍ନ ସିଲାବସ୍ ବାହାରୁ ଆସିଛି। ଅନ୍ୟ କେତେକ ପ୍ରଶ୍ନ ପାଠ୍ୟପୁସ୍ତକ ସମ୍ପର୍କିତ ନୁହେଁ ବୋଲି ଅଭିଯୋଗ ହୋଇଛି। ମେଧାବୀ ଛାତ୍ରୀଛାତ୍ର ଭଲ ମାର୍କ ରଖିବାକୁ ଆଶା ବାନ୍ଧିଥିବାବେଳେ ଏପରି ପ୍ରଶ୍ନ ସେମାନଙ୍କ ମନୋବଳକୁ ହ୍ରାସ କରିଛି।

ଏ ନେଇ ଘରୋଇ ଆବାସିକ କଲେଜର ଛାତ୍ର ପ୍ରିୟାଂଶୁ ବେହେରା କୁହନ୍ତି, ସେ ମାଟ୍ରିକ୍ ପରୀକ୍ଷାରେ ୯୪% ନମ୍ବର ରଖି ପାସ୍ ହୋଇଥିଲେ। ଚଳିତ ବର୍ଷ ମଧ ଭଲ କରିବେ ବୋଲି ଆଶା ରଖିଛନ୍ତି। ଗଣିତରେ ୧୦୦ ମାର୍କ ରଖିବାକୁ ସେ କଠିନ ପରିଶ୍ରମ କରିଥିଲେ। ହେଲେ ସିଲାବସ୍ ବାହାରୁ ଆସିଥିବା ପ୍ରଶ୍ନ ଯୋଗୁ ଲକ୍ଷ୍ୟ ପୂରଣ ହେବା ନେଇ ଆଶଙ୍କା ବଢ଼ିଛି। ଛାତ୍ରୀ ସୋନାଲି ନାୟକ କୁହନ୍ତି, ପ୍ରଶ୍ନରେ କେତେକ ତ୍ରୁଟି ରହିଛି। କାଉନସିଲ ପକ୍ଷରୁ ପ୍ରଦାନ କରାଯାଉଥିବା ଉତ୍ତର ଖାତା ଲେଖିବାକୁ ଯଥେଷ୍ଟ ହେଉନାହିଁ। ଏହା ଅନ୍ୟ ଏକ ସମସ୍ୟା ସୃଷ୍ଟି କରିଛି। ଏଥି ପ୍ରତି ଶିକ୍ଷା ବିଭାଗ ଦୃଷ୍ଟି ଦେବାକୁ ସେ ଦାବି କରିଛନ୍ତି। କାମାକ୍ଷାନଗର ମହାବିଦ୍ୟାଳୟର ଛାତ୍ରୀ ପାୟଲ ପଲ୍ଲବୀ ସାହୁ କୁହନ୍ତି, ପାଠ୍ୟପୁସ୍ତକ ଅନୁଯାୟୀ ପ୍ରଶ୍ନ ଆସିବ ଭାବି ତଦନୁଯାୟୀ ପ୍ରସ୍ତୁତ ହୋଇଥିଲୁ। ହେଲେ ବାହାରୁ ଆସିଥିବା ପ୍ରଶ୍ନ ଗଣିତରେ ମାର୍କ କମାଇବା ଆଶଙ୍କା ବଢ଼ାଇଛି। ଇ-ଟେକ୍ ଆବାସିକ କଲେଜ ଅଧ୍ୟକ୍ଷ ତଥା ଗଣିତ ଅଧ୍ୟାପକ ଡ. ସୁରେଶ ମିଶ୍ର କୁହନ୍ତି, ସାଧାରଣତଃ ପିଲାମାନେ ପାଠ୍ୟପୁସ୍ତକରେ ଥିବା ବିଷୟ ଅନୁଯାୟୀ ପ୍ରସ୍ତୁତ ହୋଇଥାନ୍ତି। ବାହାରୁ ପ୍ରଶ୍ନ ଆସିଲେ ଏହା ସେମାନଙ୍କ ପାଇଁ କଷ୍ଟକର ହୋଇଥାଏ। ବିଶେଷ କରି ମେଧାବୀ ଛାତ୍ରୀଛାତ୍ର ଏଥିରେ ବେଶି ସମସ୍ୟାରେ ପଡ଼ିଥାନ୍ତି। କାମାକ୍ଷାନଗର କଲେଜ ଅଧ୍ୟକ୍ଷ ତଥା ବରିଷ୍ଠ ଗଣିତ ଅଧ୍ୟାପକ ଡ. ରାମଚନ୍ଦ୍ର ସାହୁ କୁହନ୍ତି, ଗଣିତ ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରସ୍ତୁତିରେ ତ୍ରୁଟିବିଚ୍ୟୁତି ଦେଖିବାକୁ ମିଳିଛି। ଗଣିତ ଉତ୍ତର ଖାତାରେ ଅଧିକ ସ୍ଥାନ ନ ଥିବାରୁ ପିଲାମାନେ ସମସ୍ୟାରେ ପଡ଼ିଥିଲେ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ସଚେତନ ହେଲେ କମିବ ଜରାୟୁ ଗ୍ରୀବା କର୍କଟ



**ଢେଙ୍କାନାଳ ଅଫିସ, ୧୪।୩:** ଢେଙ୍କାନାଳ କଲେଜ ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ଶୁକ୍ରବାର ସର୍ଭିକାଲ କ୍ୟାନ୍ସର (ଜରାୟୁ ଗ୍ରୀବା କର୍କଟ) ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରାଣୀ ବିଜ୍ଞାନ ବିଭାଗ ପ୍ରାଧାପକ ରଞ୍ଜିତ ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜଧାନୀ କଲେଜର ଗବେଷିକା ଅଧାପିକା ବନ୍ଦିତା ରଥ ଯୋଗଦେଇ କହିଲେ, ହ୍ୟୁମାନ ପାପିଲୋମା ଭୂତାଣୁ ଜରାୟୁ କର୍କଟର ପ୍ରମୁଖ କାରଣ। ଅସୁରକ୍ଷିତ ଯୌନ ସମ୍ପର୍କ ଦ୍ୱାରା ଏହା ହୋଇଥାଏ। କିଶୋରୀ, ମହିଳାମାନେ ସଚେତନ ହେଲେ ଏହି ଭୟଙ୍କର ରୋଗକୁ ପ୍ରତିରୋଧ କରାଯାଇପାରିବ। ଏହି ଅବସରରେ ପାଠଚକ୍ର ପୁସ୍ତିକା 'ଜୀବନିକା' ଉନ୍ମୋଚିତ ହୋଇଥିଲା। ଏଥିସହ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କୃତୀ ପାଠଚକ୍ର ପ୍ରବନ୍ଧ ପାଠକ ଭାବେ ଇତିଶ୍ରୀ ବେହେରା ସ୍ୱତନ୍ତ୍ର ଭାବେ ସମ୍ମାନିତ ହୋଇଥିଲେ। ବିଭାଗୀୟ ଭାରପ୍ରାପ୍ତ ମୁଖ୍ୟ ଡ. ଦେବରାଜ ପରିଡ଼ା, ଲକ୍ଷ୍ମୀନନ୍ଦନ ଶତପଥୀ, ଅଧାପିକା ଜୟଶ୍ରୀ ରଥ, ଶାଶ୍ୱତୀ ପ୍ରିୟଦର୍ଶିନୀ ମୁଦୁଲି, ସିପ୍ରା ନାୟକ, ଡେମୋନଷ୍ଟ୍ରେଟର ସଦାନନ୍ଦ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସୁନା ଦୋକାନରୁ ଲୁଟ୍: ଜଣେ ଅଟକ

**ଧାମନଗର, ୧୪।୩(ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର ବଡ଼ବଜାରର ଆନନ୍ଦ ସାହୁଙ୍କ ଖରାଖାଇ ଜୁଏଲେରି ଦୋକାନରୁ ଶନିବାର ଅପରାହ୍ନ ୧ଟାରେ ଲୁଟ୍ ହୋଇଛି। ଆନନ୍ଦ ଗ୍ରାହକଙ୍କୁ ଅଳଙ୍କାର ଦେଖାଉଥିବା ବେଳେ ଦୁଇଜଣ ଯୁବକ ଦୋକାନ ଭିତରେ ପଶି ମଙ୍ଗଳସୂତ୍ର ଓ ଚେନ୍ ଝାମ୍ପି ନେଇ ଯାଇଥିଲେ। ଜଣେ ଲୁଟେରା ଦୋକାନ ବାହାରେ ଅପେକ୍ଷା କରିଥିବା ଆଉ ଜଣେ ଯୁବକଙ୍କ ବାଇକ୍‌ରେ ବସି ଫେରାର ହୋଇଯାଇଥିଲେ। ଉକ୍ତ ଲୁଟେରାଙ୍କୁ ଦୋକାନୀ ଓ ଉପସ୍ଥିତ ଗ୍ରାହକ କାବୁ କରି ନେଇଥିଲେ। ଖବର ପାଇ ଧାମନଗର ଥାନା ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ ପଚରାଉଚୁରା କରୁଛି।

## କିଶୋରୀଙ୍କ ସ୍ୱଚ୍ଛତା ଉପରେ ଗୁରୁତ୍ୱ



କାର୍ଯ୍ୟକ୍ରମରେ ଅତିଥିଙ୍କ ସମେତ ଅନ୍ୟମାନେ।

**ଢେଙ୍କାନାଳ ଅଫିସ, ୧୪।୩**

ଢେଙ୍କାନାଳ ସଦର ବ୍ଲକ କାଇମାଟି ନୋଡାଲ୍ ଉଚ୍ଚ ବିଦ୍ୟାଳୟର ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀ ନିବାସରେ କପିଳାସ ଲାୟନ୍ସ କ୍ଲବ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିଶ୍ୱ ଓଡ଼ିଶାର ମିଳିତ ଆନୁକୂଲ୍ୟରେ ଶନିବାର କିଶୋରୀଙ୍କୁ ନାପକିନ୍ ବଣ୍ଟନ କରାଯାଇଛି। ଲାୟନ୍ସ କ୍ଲବର ସମ୍ପାଦକ ଜିତେନ୍ଦ୍ର ଶତପଥୀ ମହାମାରୀ କରେନା ଭାଇରସ୍ ସମ୍ପର୍କରେ ସଚେତନ କରାଇଥିଲେ। ସେହିପରି ପୁଷ୍ଟିକର ଖାଦ୍ୟ ଏବଂ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେବାକୁ ଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। କିଶୋରୀଙ୍କ ସ୍ୱାସ୍ଥ୍ୟ ସଚେତନତା ପାଇଁ ଲାୟନ୍ସ କ୍ଲବ ପକ୍ଷରୁ ସାରା ଦେଶରେ 'ହେଲ୍‌ଥ ଫର ହର୍' ଏବଂ '#ପ୍ୟାଡ୍ ଏ ଗର୍ଲ' ଅଭିଯାନ ଆରମ୍ଭ ହୋଇଛି। ଏହାକୁ ସଫଳ କରିବାକୁ ସେ ଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି। ପରିବାର ଏବଂ ଶିକ୍ଷାନୁଷ୍ଠାନରେ କିଶୋରୀଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ଶିକ୍ଷାକୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି 'ବିଶ୍ୱ ଓଡ଼ିଶା'ର ସମ୍ପାଦକ ମନୋଜ କୁମାର ସାହୁ କହିଥିଲେ।

ଲାୟନ୍ସ କ୍ଲବ ସଭାପତି ମନୋରଞ୍ଜନ ସାହୁ, ଚିତ୍ତରଞ୍ଜନ ସାହୁ, ବିଜୟ ସାହୁ, କିଶୋର ଦାସ, ପ୍ରଶାନ୍ତ ରାଉତ, ବିଶ୍ୱ ଓଡ଼ିଶା ମହିଳା ପରିଷଦର ରାଜ୍ୟ ସଂଯୋଜିକା ରଶ୍ମିତା ରାଉତ, ପ୍ରଧାନ ଶିକ୍ଷକ ଆଭାସ ଚନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଟାଟାଷ୍ଟିଲ ବିଏସ୍ଏଲ୍ ପକ୍ଷରୁ ଜାତୀୟ ସୁରକ୍ଷା ଦିବସ

**ଓଡ଼ାପଡ଼ା, ୧୪।୩(ଡି.ଏନ.ଏ.)**




ସୁରକ୍ଷା ଦିବସରେ ଉପସ୍ଥିତ ଅତିଥିମାନେ।

ଢେଙ୍କାନାଳ ଜିଲା ନରେନ୍ଦ୍ରପୁରସ୍ଥିତ ଟାଟାଷ୍ଟିଲ ବିଏସ୍ଏଲ ପକ୍ଷରୁ ୧୦ଦିନ ଧରି ୪୯ତମ ଜାତୀୟ ସୁରକ୍ଷା ଦିବସ ପାଳିତ ହୋଇଯାଇଛି। ଚଳିତବର୍ଷର ବିଷୟବସ୍ତୁ ରହିଥିଲା 'ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ ମାଧ୍ୟମରେ ସୁରକ୍ଷା ଓ ସ୍ୱାସ୍ଥ୍ୟ ପରିଚାଳନାରେ ଉନ୍ନତି'। ଉଦ୍‌ଯାପନୀ ଦିବସରେ ଅନୁଗୋଳ ଶାଖାର ଫ୍ୟାକ୍ଟ୍ରି ଆଣ୍ଡ୍ ବଏଲର୍ସ ବିଭାଗ ଉପନିର୍ଦ୍ଦେଶକ ଅବନୀକାନ୍ତ ନାୟକ, ଢେଙ୍କାନାଳ ଶାଖା କାରଖାନା ଓ ବଏଲର୍ସ ବିଭାଗ ସହ ନିର୍ଦ୍ଦେଶକ ସୁଧାଂଶୁ ଶେଖର ସାହୁ, ଟାଟାଷ୍ଟିଲ ବିଏସ୍ଏଲ୍‌ର ମାନବ ସମ୍ବଳ ମୁଖ୍ୟ ସନ୍ଦୀପ ଧର, ସୁରକ୍ଷା ମୁଖ୍ୟ ଆର.କେ. ସିହ୍ନା, ସୁରକ୍ଷା ବିଭାଗ ସହକାରୀ ଉପସଭାପତି ଆଶିଷ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, କମ୍ପାନୀ ପାର୍ଶ୍ୱବର୍ତ୍ତୀ ଗ୍ରାମର ଯୁବତୀ, ଯୁବକ, କାରଖାନାର କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟ ଅଂଶଗ୍ରହଣ କରିଥିଲେ। ଏହି ଉପଲକ୍ଷେ ପୋଷ୍ଟର ତିଆରି, ପ୍ରବନ୍ଧ, ସ୍ଲୋଗାନ, ସୁରକ୍ଷା ମଡେଲ, କୁଇଜ୍, କ୍ଷୁଦ୍ର ନାଟକ ଆଦି ବିଭାଗରେ ପ୍ରତିଯୋଗିତା ହୋଇଥିଲା। କମ୍ପାନୀର ହାଉସିଂ କଲୋନୀ, ପାଇକ ପୁରୁଣାକୋଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମେତ ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଚଳନ୍ତା ବସ୍‌ରୁ ଖସିଲା ଚକ: ବର୍ତ୍ତିଲେ ୫୦ ଯାତ୍ରୀ

**ବିଶୋଇ, ୧୪।୩ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅନ୍ତର୍ଗତ ବିଜାତଳା ଛକ ନିକଟବର୍ତ୍ତୀ ୫୦ନଂ. ରାଜ୍ୟ ରାଜପଥରେ ଶନିବାର ଏକ ବସରୁ ଚକ ଖସିଯାଇଥିଲା। ଖସିଯାଇଥିବା ଚକଟି ପ୍ରାୟ ୨ଶହ ମିଟର ଦୂର ଯାଏ ଗଡିଯାଇଥିଲା। ତେବେ ଡ୍ରାଇଭରଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଯାତ୍ରୀଙ୍କ କୌଣସି କ୍ଷତି ହୋଇନାହିଁ। ଜୟ ମା' ଦୁର୍ଗା ନାମକ ଉକ୍ତ ଘରୋଇ ବସ୍‌ରେ ୫୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଥିଲେ। ସମସ୍ତେ ସୁରକ୍ଷିତ ଅଛନ୍ତି। ବସ୍‌ଟି ବାଲେଶ୍ୱରରୁ ରାଇରଙ୍ଗପୁର ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା।

## ଅଦିନିଆ ଝଡ଼ରେ ଉଡ଼ିଲା ସ୍କୁଲ ଛପର

**କପ୍ତିପଦା, ୧୪।୩(ଡ଼ି.ଏନ୍.ଏ.)**

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଶାଳଚୁଆ ପଞ୍ଚାୟତ ଅଞ୍ଚଳରେ ଶନିବାର ଅପରାହ୍ନରେ ଅଦିନିଆ ଝଡ଼ବର୍ଷା ହେବାରୁ ବ୍ୟାପକ କ୍ଷୟକ୍ଷତି ହୋଇଛି। ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟର ଆଜବେଷ୍ଟସ୍ ଛପର ଉଡି ନଷ୍ଟ ହୋଇଛି । ଶ୍ରେଣୀ ଗୃହରେ ପିଲା ପାଠ ପଢୁଥିବା ବେଳେ ଝଡବର୍ଷା ହୋଇଥିଲା। ସେଠାରେ ୨ଟି ଶ୍ରେଣୀ ଗୃହର ଛପର ସମ୍ପୂର୍ଣ୍ଣ ଉଡିଯାଇଛି। ସୌଭାଗ୍ୟବଶତଃ ପିଲାମାନେ ବିପଦରୁ ବର୍ତ୍ତିଯାଇଛନ୍ତି । ୧୯୮୦ରେ ପ୍ରତିଷ୍ଠା ହୋଇଥିବା ଏହି ବିଦ୍ୟାଳୟରେ ୪ଶହରୁ ଉର୍ଦ୍ଧ୍ୱ ପିଲା ପଢୁଛନ୍ତି । ଉକ୍ତ ବିଦ୍ୟାଳୟରେ ଏକ ଆଦିବାସୀ ଛାତ୍ରୀ ନିବାସ ରହିଛି । ଏହା ସତ୍ତ୍ୱେ ଶ୍ରେଣୀ ଗୃହର ଉନ୍ନତୀକରଣ କରାଯାଇ ନାହିଁ । ଫଳରେ ପୁରୁଣା ଆଜବେଷ୍ଟସ୍ ଘରେ ପିଲାମାନେ ଅଦ୍ୟାବଧି ପାଠ ପଢୁଥିବା ଅଭିଭାବକମାନେ କହିଛନ୍ତି।




## କଣ୍ଟାବଣିଆରେ ପଞ୍ଚଦୋଳ

**ଓଡ଼ାପଡ଼ା, ୧୪।୩(ଡି.ଏନ.ଏ.):** ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କଣ୍ଟାବଣିଆ ଗ୍ରାମରେ ଶନିବାର ପଞ୍ଚଦୋଳ ଯାତ୍ରା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦୋଳଗୋବିନ୍ଦଙ୍କୁ ଲଉଡ଼ିବାଡ଼ି, ଶିଙ୍ଗବାଜା ଏବଂ ସଂକୀର୍ତ୍ତନର ତାଳେତାଳେ ଦୋଳମଣ୍ଡପକୁ ନିଆଯାଇଥିଲା। ଅପରାହ୍ନରୁ ଆରମ୍ଭ ହୋଇଥିବା ଏହି ଶୋଭାଯାତ୍ରା ସନ୍ଧ୍ୟାଯାଏ ଚାଲିଥିଲା। ପଞ୍ଚଦୋଳ କମିଟି ସଭାପତି ଅଧିକାରୀ ମହାକୁଡ, ସମ୍ପାଦକ ବିନୟ ସାହୁଙ୍କ ସମେତ ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ। ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳ ରକ୍ଷା କରାଯାଇଥିଲା।



କଣ୍ଟାବଣିଆ ଗ୍ରାମରେ ପଞ୍ଚଦୋଳ ଉତ୍ସବ ଉପଲକ୍ଷେ ଦୋଳଗୋବିନ୍ଦ ଜୀଉଙ୍କ ଚଳନ୍ତି ପ୍ରତିମାକୁ ନଗର ପରିକ୍ରମା କରାଯାଉଛି।

# ଘର ପାଇଁ ପୋତିଦେଲେ ଡ୍ରେନ୍

**ଭୁବନ, ୧୪।୩(ଡି.ଏନ.ଏ.)**



- ରାସ୍ତାରେ ପୂତିଗନ୍ଧମୟ ନର୍ଦ୍ଦମା ପାଣିର ସୁଅ
- ବଢୁଛି ଅସନ୍ତୋଷ, ପ୍ରତିକାର ଦାବି

ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ପୋତିଦେଲେ ଡ୍ରେନ୍। ନର୍ଦ୍ଦମା ପାଣି ନିଷ୍କାସନ ହେବାକୁ ବାଟ ନାହିଁ। ରାସ୍ତାରେ ଅହରହ ବୋହୁଛି ଦୁର୍ଗନ୍ଧମୟ ଆବର୍ଜନା ପାଣି। ଆଉ ତାହାରି ଉପରେ ଅସୁରକ୍ଷିତ ଭାବେ ଯାତାୟାତ କରୁଛନ୍ତି ଲୋକେ। ଏପରି ଦୃଶ୍ୟ ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲା ଭୁବନ ଏନ୍ଏସି ଅଧୀନ ୨ନଂ. ୱାର୍ଡ ଅରବିନ୍ଦ ମାର୍ଗ ରାସ୍ତାରେ। ଏନ୍ଏସି କର୍ତ୍ତୃପକ୍ଷ ଏହାର ପ୍ରତିକାର ବ୍ୟବସ୍ଥା କରୁ ନ ଥିବାରୁ ଅଞ୍ଚଳବାସୀଙ୍କୁ ଘାରିଛି ସଂକ୍ରାମକ ରୋଗ ଚିନ୍ତା। ଏହାକୁ ନେଇ ସେମାନଙ୍କ ମଧ୍ୟରେ ସୃଷ୍ଟି ହୋଇଛି ତୀବ୍ର ଅସନ୍ତୋଷ।

ଭୁବନ ଏନ୍ଏସିର ଅନ୍ୟତମ ବ୍ୟସ୍ତବହୁଳ ରାସ୍ତା ହେଉଛି ଅରବିନ୍ଦ ମାର୍ଗ। ଏହି ପଥ ଦେଇ ଦୈନିକ ହଜାର ହଜାର ସଂଖ୍ୟାରେ ଛାତ୍ରୀଛାତ୍ର, ଜନସାଧାରଣ ଅରବିନ୍ଦ ବିଦ୍ୟାଳୟ, ବାଜି ରାଉତ କଲେଜ, ମହିଳା କଲେଜ, ବ୍ଲକ କାର୍ଯ୍ୟାଳୟ ସମେତ ବଜାରକୁ ଯାଇଥାନ୍ତି। ରାସ୍ତା କଡ଼ରେ ଘର କରିଥିବା ପରିବାରର ଆବର୍ଜନା ପାଣି ଏବଂ ଷ୍ଟାଣ୍ଡ୍ ପୋଷ୍ଟରୁ ବାହାରୁଥିବା ଉଦ୍‌ବୃତ୍ତ ଜଳ ଡ୍ରେନ୍‌ରେ ନିଷ୍କାସିତ ହେଉଥିଲା। ହେଲେ କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଘର କାମ ପାଇଁ ଡ୍ରେନ୍ ପୋତି ଦେଇଛନ୍ତି। ସେହିପରି ଡ୍ରେନ୍‌ର କେତେକ ସ୍ଥାନ ଆବର୍ଜନାରେ ପୋତି ହୋଇଯାଇଛି। ଫଳରେ ନର୍ଦ୍ଦମା ଜଳ ନିଷ୍କାସନ ହୋଇ ନ ପାରି ରାସ୍ତା ଉପରେ ଭାସୁଛି। ଏହାର ପ୍ରତିକାର କରିବାକୁ ସାହିବାସୀ ଅନେକ ଥର ଏନ୍ଏସି କର୍ତ୍ତୃପକ୍ଷଙ୍କ ନିକଟରେ ଗୁହାରି କରିଥିଲେ ମଧ୍ୟ ସୁଫଳ ମିଳୁ ନ ଥିବା ଅଭିଯୋଗ ହେଉଛି। ଭୁବନ ସହରର ପ୍ରମୁଖ ରାସ୍ତାର ଦୁଇପାର୍ଶ୍ୱରୁ ଜବରଦଖଲ ହଟାଇ ଡ୍ରେନ୍ ନିର୍ମାଣ କରାଗଲେ ଅଞ୍ଚଳବାସୀ ଉପକୃତ ହୋଇପାରନ୍ତେ ବୋଲି ମତପ୍ରକାଶ ପାଇଛି।

ଏ ସଂକ୍ରାନ୍ତରେ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ବରାଳ କୁହନ୍ତି, ରାସ୍ତାପାର୍ଶ୍ୱରେ ଘର କରିଥିବା କେତେକ ପରିବାର ମାଟି, ବାଲି ପକାଇ ଡ୍ରେନ୍ ପୋତି ଦେଇଛନ୍ତି। ଅଞ୍ଚଳବାସୀ ସହଯୋଗ କଲେ ଡ୍ରେନ୍ ଆବର୍ଜନାମୁକ୍ତ ହୋଇପାରିବ। ସମସ୍ୟାକୁ ଗୁରୁତ୍ୱ ଦେଇ ସମାଧାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ